# ଆଜି ଠାରୁ ସ୍ୱତନ୍ତ୍ର ଟୀକା କରଣ ୨ୟ ପର୍ଯ୍ୟାୟ ଅଭିଯାନ ଆରମ୍ଭ

# ବାକି ରହିଯାଇଥିବା ବା ସମ୍ପୂର୍ଣ୍ଣ ଟୀକାକରଣ ହୋଇ ନଥିବା ସମସ୍ତ ଶିଶୁଙ୍କୁ ଟୀକା ଦାନ କରାଯିବ – ନହେଲେ ଦରମା ବନ୍ଦ୍

ଭୁବନେଶ୍ୱର,୩।୫–

ଆଜିଠାରୁ ରାଜ୍ୟର ସମସ୍ତ ଜିଲ୍ଲାରେ ୨ୟ ପର୍ଯ୍ୟାୟ ସ୍ୱତନ୍ତ୍ର ଟୀକାକରଣ ଅଭିଯାନ ଆରମ୍ଭ ହୋଇଛି । ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ମାନଙ୍କ ସହ ଭିଡିଓ କନଫରେନ୍ସ ମାଧ୍ୟମରେ ଆଲୋଚନା କରିଛନ୍ତି । ଏହି ଟୀକାକରଣ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସମୟ ମଧ୍ୟରେ ନିୟମିତ ଟୀକାକରଣ ସମୟରେ ବାଦ୍ ପଡିଯାଇଥିବା ବା ସମ୍ପୂର୍ଣ୍ଣ ଟୀକାକରଣ ହୋଇ ନଥିବା ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ଟୀକାକରଣ କରାଯିବ । ଏହି ଟୀକାକରଣ ସମୟରେ ଅତ୍ୟଧିକ ପ୍ରବଣ , ଅପହଞ୍ଚ ବା ଦୁର୍ଗମ ଅଞ୍ଚଳ ଏବଂ ବସ୍ତି ଆଦିର ଶିଶୁ ମାନଙ୍କୁ ଟୀକାକରଣ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପ୍ରମୁଖ ସଚିବ ପରାମର୍ଶ ଦେଇଛନ୍ତି । ଏ.ଏନ୍.ଏମ୍ ମାନେ ସଂପୃକ୍ତ ଶିଶୁ ମାନଙ୍କର ତାଲିକା ସାଙ୍ଗରେ ଆଣି ଟୀକାଦାନ କେନ୍ଦ୍ରକୁ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହି ତାଲିକା ଅନୁଯାୟୀ ଯେପରି ସବୁ ଶିଶୁ ଟୀକା ନିଅନ୍ତି ତାହା ନିଶ୍ଚିତ କରିବାକୁ କୁହାଯାଇଛି । ଯେଉଁ ଏ.ଏନ୍.ଏମ୍ ମାନେ ତାହା ନକରିବେ କିମ୍ବା ଖିଲାପ୍ କରନ୍ତି ତାହା ହେଲେ ସେମାନଙ୍କର ଦରମା ବନ୍ଦ୍ ରହିବ ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ କଡା ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟରେ ଟୀକାକରଣ ଅଭିଯାନକୁ ସଫଳ କରିବା ସହିତ ଶତ ପ୍ରତିଶତ ଟୀକାକରଣ କରାଇବା ଦିଗରେ ନିଷ୍ଠାର ସହ କାର୍ଯ୍ୟକରିବାକୁ ପରାମର୍ଶ ଦିଆଯାଇଥିବା ପ୍ରକାଶ ।

.........

ପ୍ରଭାକର ସାହୁ